# Akashvani, Sambalpur

## SAMBALPURI NEWS EVENING BULLETIN

**16 March 2024- 7.02 pm- 7.12 pm.**

*********************************************

୧- ଲୋକସଭା ସହେତେ ଚାଏର୍‌ଟା ରାଜ୍ୟର ବିଧାନସଭା ନିର୍ବାଚନ ଲାଗି ତାରିଖ୍ ଘୋଷଣା କଲେ - ଭାରତୀୟ ନିର୍ବାଚନ ଆୟୋଗ ।

- ଲୋକସଭା ନିର୍ବାଚନ ଲାଗି ୭ଟା ଖେପେ ଭୋଟ ହେବା ।

- ଆଏଜ୍ ଠାନୁ ଦେଶେ ଲାଗୁ ହେଲା ନିର୍ବାଚନ ଆଦର୍ଶ ଆଚରଣ ବିଧି ।

୨- ଓଡ଼ିଶାର ଲୋକସଭା ଆଉ ବିଧାନସଭା ଆସନ ଲାଗି ମେ ୧୩ ତାରିଖନୁ ୪ଟା ଖେପେ ନିଆଯିବା ଭୋଟ ।

୩ - ପ୍ରସାର ଭାରତୀର ଅଧ୍ୟକ୍ଷ ଭାବେ ଦାୟିତ୍ୱ ନେଲେ ନବନୀତ୍ କୁମାର ସେହେଗଲ ।

୪- ହାଇକୋର୍ଟେ ନ ଆଏବା କାଏଲ୍ ହେବା ରାଷ୍ଟ୍ରୀୟ ଲୋକଅଦାଲତ ।

ଆଉର୍

୫- ସମ୍ବଲପୁର ଜିଲ୍ଲାର ବାମରା ଆଉ ଗଡ଼ପୋଷ ଷ୍ଟେସନ୍ ନ ରହେବା ୭ଟା ଏକ୍ସପ୍ରେସ୍ ଟ୍ରେନ୍ ।

ସାଧାରଣ ନିର୍ବାଚନ ତାରିଖ୍ ଘୋଷଣା

ଏନ୍ଏସଡି/ ଇସିଆଇ

ଭାରତର ନିର୍ବାଚନ ଆୟୋଗ ଆଏବା ସାଧାରଣ ନିର୍ବାଚନ ଲାଗି ତାରିଖ୍ ଘୋଷଣା କରିଛନ୍ । ଦେଶେ ଆଏବା ମାସ ୧୯ତାରିଖନୁ ୭ଟା ଖେପେ ଲୋକସଭା ନିର୍ବାଚନ ଲାଗି ଭୋଟ୍ ହେବା ।  ଜୁନ୍ ୪ ତାରିଖ ଭୋଟ୍ ଗନ୍ତି ହେବା । ସେନ୍ତା ଓଡିଶା, ଆନ୍ଧ୍ରପ୍ରଦେଶ, ଅରୁଣାଚଳ ପ୍ରଦେଶ ଆଉ ସିକିମ୍ ନ ବିଧାନସଭା ନିର୍ବାଚନ ଲାଗି ଆୟୋଗ୍ ତାରିଖ୍ ଘୋଷଣା କରିଛନ୍ ।

ସୂଚନା ଅନ୍ସାରେ, ଆଏବା ମାସ ୧୯ତାରିଖଥି ପହେଲା ଖେପେ ଦେଶର ୧୦୨ଟା ଲୋକସଭା ଆସନ ଲାଗି ଭୋଟ ହେବା । ଇତାର୍ ଉତ୍ରୁ ଏପ୍ରିଲ୍ ୨୬ତାରିଖ ଅଣାନବେଟା, ମେ’ ୭ ତାରିଖ ୯୪ଟା, ମେ’ ୧୩ ତାରିଖ ୯୬ଟା, ମେ ୨୦ତାରିଖ ୪୯ଟା , ମେ ୨୫ତାରିଖ  ୫୭ଟା ଆଉ ଶେଷେ  ୭ନମ୍ବର ଖେପେ ଜୁନ୍ ୧ତାରିଖ ୫୭ଟା ଲୋକସଭା ଆସନ ଲାଗି ଭୋଟ ହେବା ବଲି ନିର୍ବାଚନ ଆୟୋଗ କହିଛନ୍ ।

ସେଆଡେ ସାଧାରଣ ନିର୍ବାଚନ ଲାଗି କାର୍ଯ୍ୟସୂଚୀ ଘୋଷନା ହେବାର୍ ସହେତେ ଦେଶେ ଆଦର୍ଶ ଆଚରଣ ବିଧି ଲାଗୁ ହେଇଛେ । ମୁଖ୍ୟ ନିର୍ବାଚନ ଆୟୁକ୍ତ ରାଜୀବ କୁମାର

ନିର୍ବାଚନ କାର୍ଯ୍ୟସୂଚୀ ବାବ୍‌ଦେ ଘୋଷଣା କରି କରି କହିଛନ୍ ଯେ, ଭାରତୀୟ ଗଣତନ୍ତ୍ରର ସବୁନୁ ବଡ୍  ପରବ୍ ଲାଗି ନିର୍ବାଚନ ଆୟୋଗ ଟିମ୍ ପୁରା ତୟାର ଅଛନ୍ । ସେ କହିଛନ୍ ଯେ, ଦେଶେ ୯୭କୋଟି ପଞ୍ଜୀକୃତ ଭୋଟର୍ ଅଛନ୍ । ଇଥିଲାଗି ୧୦ଲାଖ୍ ୫୦ହଜାରନୁ ଅଏତ୍‌କା ମତଦାନ କେନ୍ଦ୍ର ନ ଦେଢ଼ କୋଟି କର୍ମଚାରୀ ନିୟୋଜିତ କରାଯାଇଛେ ।

ଇ ନିର୍ବାଚନଥି ୧କୋଟି ୮୨ ଲାଖ୍ ନାଗରିକ ପହେଲା ଥର ଲାଗି ଭୋଟ୍ ଦେବେ । ୮୫ ବଛର୍‌ନୁ ଅଏତ୍‌କା ବୟସ୍କ ଭୋଟର୍ ଆଉ ଭିନ୍ନକ୍ଷମ ମାନେ ଘରେ ବସି କରି ଭୋଟ୍ ଦେଇପାର୍‌ବେ । ଇଥି ଲାଗି ନିର୍ବାଚନ ଆୟୋଗ ସବୁ ପ୍ରକାର ବ୍ୟବସ୍ଥା କରିଛନ୍ ବୋଲି ଆୟୁକ୍ତ ରାଜୀବ କୁମାର କହିଛନ୍ ।

ଅବାଧ ଆଉ ନିରପେକ୍ଷ ନିର୍ବାଚନ ପରିଚାଳନାଥି ବାହୁବଲ୍, ଟଙ୍କା, ଭୁଲ୍ ସୂଚନା ଆଉ ନିର୍ବାଚନ ଆଚରଣ ବିଧି ଉଲ୍ଲଙ୍ଘନ ବାଧକ୍ ସାଜିପାରେ । ଇଟାକେ ରୁକ୍‌ବାର ଲାଗି ଭାରତର ନିର୍ବାଚନ ଆୟୋଗ ଭିନ୍ ଭିନ୍ ପଦକ୍ଷେପ ନେଇଛନ୍ । ବାହୁବଲ୍‌କେ ରୁକ୍‌ବାର ଲାଗି ଭୋଟ୍ ଦିନ ଡ୍ରୋନ୍ ଜରିଏ୍ ଯାଂଚ୍ କରାଯିବା । ନିର୍ବାଚନ ସମିଆଥି ହିଂସା ଲାଗି କେନ୍‌ସି ଜାଗା ନାଇଁନ ।      ନିର୍ବାଚନ ସମିୟାଥି କେନ୍‌ସି ଜାଗାନ ହିଂସା ଦେଖିବାର୍‌କେ ମିଳିଲେ ଆୟୋଗ ତର୍‌ଫୁ ଦୃଢ଼ କାର୍ଯ୍ୟାନୁଷ୍ଠାନ୍ ଗ୍ରହଣ କରାଯିବା ବଲି ନିର୍ବାଚନ ଆୟୁକ୍ତ ଶ୍ରୀ କୁମାର କହିଛନ୍ ।

ସେ କହିଛନ୍ ଯେ, ମଦ, ନଗଦ ଟଙ୍କା ବଂଟାକେ ରୁକ୍‌ବାର ଲାଗି ଏନ୍‌ଫୋର୍ସମେଂଟ ସଂସ୍ଥାକେ କୁହାଯାଇଛେ । ଇତାର୍ ସହେତେ ନିର୍ବାଚନ ଲାଗି ବର୍ଜ୍ୟବସ୍ତୁ ପରିଚାଳନା, ସବୁଠାନୁ କମ୍ କାଗଜର ବେଭାର୍ କର୍‌ବା ଉପରେ ରାଜନୈତିକ ଦଳ ଆଉ ନିର୍ବାଚନ ଅଧିକାରୀମାନ୍‌କୁ ନିର୍ଦ୍ଦେଶ ଦିଆଯାଇଛେ । ଇନ ଜନେଇ ଦିଆଯାଇପାରେ ଯେ, ଚଲ୍‌ତି ଲୋକସଭାର କାର୍ଯ୍ୟକାଳ ଆଏବା ଜୁନ୍ ମାସ ୧୬ତାରିଖଥି ଶେଷ୍ ହେବା ।

-ଓଡିଶା ବିଧାନସଭା ନିର୍ବାଚନ ଏନ୍‌ଏସଡି/ ଇସିଆଇ

ଭାରତର ନିର୍ବାଚନ ଆୟୋଗ ଓଡିଶାର ଲୋକସଭା ଆଉ ବିଧାନସଭା ଆସନ ଲାଗି ନିର୍ବାଚନ ତାରିଖ ଘୋଷଣା କରିଛନ୍ । ରାଜ୍ୟ ନ ୨୧ଟା ଲୋକସଭା ଆଉ ୧୪୭ଟା ବିଧାନସଭା ଆସନ ଲାଗି ୪ଟା ଖେପେ ଭୋଟ୍ ହେବା । ଆଏବା ମେ ୧୩ ତାରିଖ କଳାହାଣ୍ଡି, ବ୍ରହ୍ମପୁର, ନବରଙ୍ଗପୁର, କୋରାପୁଟ ଲୋକସଭା ଆସନ ଲାଗି ଭୋଟ୍ ହେବା । ଇତାର୍ ଉତ୍‌ରୁ ମେ ୨୦ତାରିଖ ବରଗଡ, ସୁନ୍ଦରଗଡ, ବଲାଙ୍ଗିର, କନ୍ଧମାଳ ଆଉ ଆସିକା ଲୋକସଭା ଆସନ ଲାଗି ଭୋଟ୍ ହେବାର୍‌କେ ଥିବାର ବେଳେ ମେ ୨୫ ତାରିଖ ସମ୍ବଲପୁର, କେନ୍ଦୁଝର, ଢେଙ୍କାନାଳ, କଟକ, ପୁରୀ, ଭୁବନେଶ୍ୱର ଲୋକସଭା ଆସନ ଲାଗି ଭୋଟ୍ କରାଯିବା । ସେନ୍‌ତା ଜୁନ୍ ୧ତାରିଖ ମୟୁରଭଞ୍ଜ, ବାଲେଶ୍ୱର,

ଭଦ୍ରକ, ଯାଜପୁର, କେନ୍ଦ୍ରାପଡା ଆଉ ଜଗତସିଂହପୁର ଲୋକସଭା ଆସନ ଲାଗି ଭୋଟ୍ ହେବା ବଲି ନିର୍ବାଚନ ଆୟୋଗ ତର୍ଫୁ ଘୋଷଣା କରାଯାଇଛେ । ଇତାର୍ ସହେତେ ରାଜ୍ୟ ନ ମେ ୧୩ ତାରିଖ ୨୮ଟା ବିଧାନସଭା ଆସନ ଲାଗି ଭୋଟ୍ ହେବା । ସେନ୍ତା ମେ ୨୦ ତାରିଖ ୩୫ଟା, ମେ ୨୫ତାରିଖ ୪୨ଟା, ଆଉ ଜୁନ୍ ୧ତାରିଖ୍ ୪୨ଟା ବିଧାନସଭା ଆସନ ଲାଗି ଭୋଟ୍ କରାଯିବା । ଶେଷେ ଜୁନ୍ ୪ ତାରିଖ ଭୋଟ୍ ଗନ୍ତି ହେବା ବଲି ନିର୍ବାଚନ ଆୟୋଗ ତରଫୁ ସୂଚନା ମିଳିଛେ ।

ଲୋକ ଅଦାଲତ ଆର୍ଏନ୍ୟୁ/ କଟକ

ହାଇକୋର୍ଟ ନ ଆଏବା କାଏଲ ରାଷ୍ଟ୍ରୀୟ ଲୋକ ଅଦାଲତ ହେବା । ଓଡ଼ିଶା ହାଇକୋର୍ଟ ପରିସର ନ ହେବାରକେ ଥିବାର ଇ ଲୋକ ଅଦାଲତଥି ୯ ଜନ ବିଚାରପତି ମାମଲା ମାନକର ଶୁଣାଣୀ କରବେ । ସଖାଲ ବେଲା ୧୧ ବଜେ ଲୋକ ଅଦାଲତ ମୂଲ ହେବା । ସେନ ମାମଲା ମାନକର ସମାଧାନ ଆପସି ବୁଝାମଣାଥି କରାଯିବା । ଇନ ଜନେଇ ଦିଆଯାଇପାରେ ଯେ ଆଘୋନୁ ଇ ଲୋକ ଅଦାଲତ ୯ ତାରିଖ ହେବାରକେ ଥିଲା । ହେଲେ ଇଟାକେ ୧୭ ତାରିଖକେ ଘୁଚା ଯାଇଥିଲା । ଗଲା ୯ ତାରିଖ ଦିନ ରାଏଜେ

ଥିବା ଭିନ୍ ଭିନ୍ କୋର୍ଟମାନକେ ପହେଲା ରାଷ୍ଟ୍ରୀୟ ଲୋକ ଅଦାଲତ ହେଇଯାଇଛେ ।

ଟ୍ରେନ୍ ରହଣୀ - ବାମରା ଗଡ଼ପୋଷ ଆର୍‌ଏନ୍‌ୟୁ/ ସମ୍ବଲପୁର

ଦକ୍ଷିଣ ପୂର୍ବ ରେଳବାଇ ଚକ୍ରଧରପୁର ରେଳମଣ୍ଡଳ ଅଧିନଥି ଥିବା ବାମରା ଷ୍ଟେସନ୍ ନ ୫ଟା ଆର୍ ଗଡ଼ପୋଷ ଷ୍ଟେସନ୍ ନ ୨ଟା ଟ୍ରେନ୍ ରହଣୀ ଲାଗି ରେଳ ବିଭାଗ ତରଫୁ ବିଜ୍ଞପ୍ତି ବାହାରିଛେ । ସମ୍ବଲପୁର ଜିଲ୍ଲାର ବାମରା ଷ୍ଟେସନ୍ ନ ଧାନବାଦ-ଆଲାପୁଜା, ଲୋକମାନ୍ୟ ତିଲକ-ସାଲିମାର, ହାଓ୍ୱଡ଼ା-ଟିଟିଲାଗଡ଼ ଇସ୍ପାତ ଏକ୍ସପ୍ରେସ୍, ସମ୍ବଲପୁର-ଜମ୍ମୁ ତାଓ୍ୱି ଏକ୍ସପ୍ରେସ୍ ଆର୍ ଟାଟା ନଗର ଏର୍ଣ୍ଣାକୁଲମ୍ ଏକ୍ସପ୍ରେସ୍ ରହଣୀ କର୍‌ବା । ସେନ୍‌ତା ଗଡ଼ପୋଷ ଷ୍ଟେସନ ନ ରାଉରକେଲା-ଗୁଣୁପୁର ରାଜ୍ୟରାଣୀ ଏକ୍ସପ୍ରେସ୍, ହାଓ୍ୱଡ଼ା-ଟିଟିଲାଗଡ଼ ଇସ୍ପାତ ଏକ୍ସପ୍ରେସ୍ ରହଣୀ କର୍‌ବା ବଲି ରେଳବାଇ ତରଫୁ ସୂଚନା ଦିଆଯାଇଛେ । ଇନ ଜନେଇ ଦିଆଯାଇ ପାରେ ଯେ, କରୋନା ସମିଆଥି ଇ ଟ୍ରେନ୍‌ର ରହଣୀକେ ବନ୍ଦ କରାଯାଇଥିଲା ।

ମେଟ୍ରିକ ରିଜଲ୍ଟ                                   ଆର୍‌ଏନ୍‌ୟୁ/ କଟକ

ଚଲତି ବଛର ଧାରିଜ ସମିଆଥି ମେଟ୍ରିକ ପରୀକ୍ଷାର ଫଲାଫଲ ପ୍ରକାଶ ପାଏବା ବଲି ବୋର୍ଡ ସଭାପତି ଶ୍ରୀକାନ୍ତ ତରେଇ ସୂଚନା ଦେଇଛନ୍ । ରାଜ୍ୟର ୫୫ଟା ମୂଲ୍ୟାୟନ କେନ୍ଦ୍ର ନ ଖାତା ଦେଖା ଚାଲିଛେ । ଗୁଟେ ସାମ୍ବାଦିକ ସମ୍ମିଲନୀ ନ ବୋର୍ଡର ସଭାପତି ସୂଚନା ଦେଇକରି କହିଛନ୍ ଯେ ମୂଲ୍ୟାୟନ କେନ୍ଦ୍ରମାନକେ ୨୪ ଘଂଟିଆ ସିସିଟିଭି ନଜରଥି ରଖାଯାଇଛେ । ସବୁ ମୂଲ୍ୟାୟନ କେନ୍ଦ୍ରର କାମକେ ୧୦ ଟା ସୁପରଭାଇଜିଂ ଟିମ ଅନୁଧ୍ୟାନ କରୁଛେ । ଆଏବା ୧୫ ଦିନ୍ ଭିତରେ ମେଟ୍ରିକ ଖାତାଖାତା କାମ ସରବା ବଲି ଧାରିଜ କରାଯାଇଛେ । ଅନଲାଇନଥି ପରୀକ୍ଷା ଫଲ ବାହାରିବାର ୭ ଦିନ୍ ଭିତରେ ପରୀକ୍ଷାର୍ଥୀମାନେ ନିଜର ସାର୍ଟିଫିକେଟ ଡାଉନଲୋଡ୍ କରିପାରବେ । ସାର୍ଟିଫିକେଟ୍‌ର ହାର୍ଡକପି ପରୀକ୍ଷା ଫଲ ବାହାରିବାର ୧୫ ଦିନ୍ ଉତାରୁ ନିଜର ସ୍କୁଲମାନକରନୁ ପାଇପାରବେ ବଲି ବୋର୍ଡ ତରଫୁ କୁହାଯାଇଛେ ।

ମାଓ  କେମ୍ପ ଠାବ                                   ଆର୍‌ଏନ୍‌ୟୁ/ କଟକ

କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ସଦର ଥାନା ଯୁଗ୍‌ସାଇପାଟନା ମନସ୍କା ଗାଁ ପାଖର  ଜଙ୍ଗଲ ନ ଗୁଟେ ମାଓବାଦୀ କେମ୍ପ ଠାବ୍

ହେଇଥିବାର୍ ଜିଲ୍ଲା ଏସ୍‌ପି ଅଭିଲାଷ ଜୀ ସୂଚନା ଦେଇଛନ୍ । ସିଆର୍‌ପିଏଫ୍ ଆଉ ଏସ୍‌ଓଜି ତର୍‌ଫୁ ହେଇଥିବା ମିଳିତ କମ୍ବିଂ ଅପରେସନ୍‌ଥି ବହୁତ୍‌ଟେ ମାଓ ସାମଗ୍ରୀ ଜବତ କରାଯାଇଛେ । ଇତାର୍ ସହେତେ ଗୁଟେ ଲେଣ୍ଡମାଇନ୍‌କେ ସେନ ନଷ୍ଟ କରି ଦିଆଯାଇଛେ । କେମ୍ବନୁ ୫୮ଟା ଜୀବନ୍ତ ଗୁଳି, ୭୪ଟା ଜିଲୋଟିନ୍, ୧୦ଟା ଡିଟୋନେଟର ସହେତେ ନକ୍ସଲ ପୋଷାକ ଜବତ କରାଯାଇଛେ ।

ମାଓବାଦୀ ଆତ୍ମସମର୍ପଣ ବଲାଙ୍ଗିର/ ସମ୍ବାଦଦାତା

ମାଓ ଗତିବିଧିକେ ଆଏତ୍ କର୍‌ବାର୍‌ଥି ବଲାଙ୍ଗିର ପୁଲିସକେ ଆଏଜ୍ ଗୁଟେ ବଡ଼ ସଫଳତା ମିଳିଛେ । ଲଗାତାର କମ୍ବିଂ ଅପରେସନ୍ ଲାଗି ବରଗଡ- ବଲାଙ୍ଗିର-ମହାସମୁନ୍ଦ ମାଓ ଡିଭିଜନର ଏରିଆ କମାଣ୍ଡର ସୋମନାଥ ଆଚଲ୍ ଓରଫ୍ ମହେଶ ଆଏଜ୍ ଉତରାଂଚଲ ଆଇଜି ହିମାଂଶୁ ଲାଲଙ୍କର ଉପସ୍ଥିତି ନ ଆତ୍ମସମର୍ପଣ କରିଛନ୍ । ଛତିଶଗଡ଼ କାଙ୍କେର ଜିଲ୍ଲାର ସୋମନାଥ ୨୦୦୬ ମସିହାନୁ ମାଓ ସଂଗଠନଥି ସାମିଲ୍ ହେଇଥିଲେ ଆର୍ ୨୦୧୧ ନୁ ବରଗଡ-ବଲାଙ୍ଗିର-ମହାସମୁନ୍ଦର ଏରିଆ କମାଣ୍ଡର ଥିଲେ ବଲି ବଲାଙ୍ଗିର ଆରକ୍ଷୀ ଅଧୀକ୍ଷକ ରିଶିକେଶ ଖିଲାରୀ ସୂଚନା ଦେଇଛନ୍ ।

ଜିଲ୍ଲାସ୍ତରୀୟ ନିର୍ବାଚନ ପ୍ରସ୍ତୁତି ବଲାଙ୍ଗିର/ସମ୍ବାଦଦାତା

ନୂଆପଡ଼ା/ସମ୍ବାଦଦାତା

ବୌଦ୍ଧ/ସମ୍ବଦଦାତା

ଆଏବା ସାଧାରଣ ନିର୍ବାଚନ - ୨୦୨୪ କେ ନଜରଥି ରଖି କରି ବଲାଙ୍ଗିର ପୁଲିସ ପ୍ରଶାସନ ତରଫୁ ଜୋର୍‌ସୋର୍ ପ୍ରସ୍ତୁତି ଚାଲିଛେ । ଭିନ୍ ଭିନ୍ ସରକାରୀ କର୍ମଚାରୀମାନ୍‌କୁ ନେଇ କରି ଆଏଜ୍ ମହିଲା ମହାବିଦ୍ୟାଳୟ ନ ଗୁଟେ ତାଲିମ୍ କାର୍ଯ୍ୟକ୍ରମ ହେଇଯାଇଛେ । ବଲାଙ୍ଗିର ପୁଲିସ ବିଭାଗ ତର୍‌ଫୁ ସହରେ ଫ୍ଲାଗ୍‌ମାର୍ଚ୍ଚ କରାଯାଇଛେ । ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କର ତଦାରଖ୍ ଆର୍ ନେତୃତ୍ୱଥି ହେଇଥିବା ଫ୍ଲାଗ୍‌ମାର୍ଚ୍ଚଥି ସିଆଇଏସ୍‌ଏଫ୍ ଆଉ ରିଜର୍ଭ ପୁଲିସ ସାମିଲ ହେଇଥିଲେ । ଜିଲ୍ଲା ପ୍ରଶାସନ ତରଫୁ ଭିଲ୍ ନିର୍ବାଚନ ପରିଚାଳନା ଲାଗି ସବୁ ପ୍ରକାରର ପ୍ରସ୍ତୁତି ଚାଲିଛେ ।

ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ୍ ବାଦୀ ଗାଁ ନ ଥିବା ଶିକ୍ଷ ତାଲିମ୍ କେନ୍ଦ୍ର ନ ଭିନ୍ ଭିନ୍ ଅଧିକାରୀଙ୍କୁ ନେଇ କରି ତାଲିମ୍ ଶିବିର ହେଇଯାଇଛେ । ଚାର୍‌ଦିନ୍ ତକ୍ ହେବାର୍‌କେ ଥିବା ଇ କାର୍ଯ୍ୟକ୍ରମଥି ନିର୍ବାଚନ ପ୍ରକ୍ରିୟାକେ କେନ୍‌ତା କରି ନିରପେକ୍ଷ, ନିର୍ଭୁଲ୍ ଆର୍ ଠିକ୍ ସମିଆଥି କରାଯାଇ ପାର୍‌ବା ସେ ବାବ୍‌ଦେ

ଜିଲ୍ଲାର ଭିନ୍ ଭିନ୍ ଅଧିକାରୀ ମାନ୍କୁ ଜିଲ୍ଲାପାଳ ହେମକାନ୍ତ ସାଏ ପରାମର୍ଶ ଦେଇଥିଲେ ।

ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ବୌଦ୍ଧ ଜିଲ୍ଲା ଗସ୍ତ ନ ଆସି କରି ଆଏବା ସାଧାରଣ ନିର୍ବାଚନ କେ ନେଇ କରି ଜିଲ୍ଲା ପ୍ରଶାସନ ଆର୍ ପୁଲିସ ପ୍ରଶାସନ ତରଫୁ ନିଆଯାଉଥିବା ପଦକ୍ଷେପ ବାବ୍‌ଦେ ସମୀକ୍ଷା କରିଥିଲେ । ସମୀକ୍ଷା ବୈଠକ୍‌ଥି ଜିଲ୍ଲାପାଳ ଜେ. ସୋନାଲଙ୍କର ସହେତେ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

ପାଣିପାଗ ଆର୍‌ଏନ୍‌ୟୁ / ସମ୍ବଲପୁର

କାଳବୈଶାଖିର ପ୍ରଭାବଥି ଆଏବା ୨୧ ତାରିଖ୍ ତକ୍ ରାଜ୍ୟର କେତେଟା ଜାଗାନ ଘଡ଼ଘଡ଼ି ସହେତେ ବର୍ଷା ହେବା ବଲି ଆଂଚଲିକ ପାଣିପାଗ ବିଭାଗ ଅନୁମାନ୍ କରିଛେ । ଆଏବା ୭ ଦିନ୍ ତକ୍ ରାଜ୍ୟର କେତେଟା ଜାଗା ନ ମେଘୁଆ ପାଗ୍ ରହେବାର୍ ସହେତେ ଦିନର୍ ତାପମାତ୍ରା ୩ ନୁ ୪ ଡିଗ୍ରୀ କମ୍‌ବା ବଲି ଆଂଚଲିକ ପାଣିପାଗ ବିଭାଗ କହିଛେ ।